ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର(ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ପ୍ରମୁଖ କାର୍ଯ୍ୟକ୍ରମ 'ଦୃଷ୍ଟି' ଅଧୀନରେ ଏବଂ କେନ୍ଦୁଝର ଏଲବି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ଦିଲି ପେଲେଟ ପ୍ଲାଣ୍ଟ, ଟେନ୍ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟ ପାର୍ଶ୍ୱଚର୍ଚ୍ଚା ଡେଓଝର ଗ୍ରାମ ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ ପ୍ଲାଣ୍ଟ ଯୁନିଟ ହେଡ୍ ଶ୍ରୀ ସତ୍ୟଜିତ ପିଟୁରିଆ ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ଲୋକ ଓ ସିଏସଆର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଯାଇଥିଲେ। ଟେନସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଟେନସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ। କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ ଷ୍ଟିଲର ବିକେଟିଆର କୁଣ୍ଡର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସଆର ଅଧିକାରୀ ଓ ସ୍ୱାସ୍ଥ୍ୟ ସଂଗିନୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ। ପରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ନିୟମିତ ଭାବେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ପାରିପାର୍ଶ୍ୱିକ ଅଞ୍ଚଳର ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଜିନ୍ଦଲ ଫାଉଣ୍ଡେସନର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

ଅବହେଳିତ ଅବସ୍ଥାରେ ସର୍ବପୁରାତନ ଚମ୍ପାପୁର ହାଟ

■ ଆଦାୟ ହେଉଛି ଅର୍ଥ, ବିନିଯୋଗରେ ଶିଥିଳତା

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ମହାମାନବ ମହାତ୍ମା ଗାନ୍ଧୀ ଏହି ଚମ୍ପାପୁର ହାଟରେ ବଞ୍ଚିତ ସମାଜଙ୍କ ପାଇଁ ଏକ ବୈଠକ କରିଥିଲେ ଏବଂ ସେହି ଦିନଠାରୁ ଏହି ହାଟର ନା ଚମ୍ପାପୁର ଦିଆଯାଇଥିଲା । ପ୍ରଥମେ ଏହି ହାଟ ପଞ୍ଚପାତ ଅଧିନରେ ଥିବା ବେଳେ କାଳକ୍ରମେ ଏବେ ଏହାକୁ ଯାଜପୁର ଜିଲା ଆରଏମସି ହାତକୁ ନେଇଛି । ପ୍ରତି ସପ୍ତାହର ସୋମ ଓ ଗୁରୁବାର ଦୁଇଦିନ ଏହି ହାଟ ଚାଲିଥାଏ । ଏହି ହାଟକୁ କଟକ, ଯାଜପୁର, ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରୁ ବେପାରି ମାନେ ଆସି ପରିବା ବେପାର କରିଥାନ୍ତି । ସକାଳୁ ହାଟ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥାଏ। କେବଳ ଚମ୍ପାପୁର ନୁହେଁ ଆଖପାଖ ଅଂଚଳରେ ଏହାର ମହତ ରହିଛି । ବଡ଼ଚଣା ବ୍ଲକର ଏହା ଏକ ସର୍ବ ପୁରାତନ ହାଟ ଭାବେ ପରିଚିତ ହୋଇପାରିଛି । କେଉଁ ମସିହାରୁ ଏହି ହାଟ ଆରମ୍ଭ ହୋଇଆସୁଛି ତାହା ସ୍ଥାନୀୟ ବୟସ୍କ ଲୋକେ କହିପାରୁନାହାନ୍ତି । ଯାହା ଅନୁମାନ କରାଯାଉଛି ଏହା ବେଶ ସ୍ୱାଧୀନତା ପୂର୍ବରୁ ଏହି ହାଟ ପ୍ରତିଷ୍ଠା ହୋଇଥିବା କୁହାଯାଉଛି । ହାଟ ପାଇଁ ଯେତିକି ଜମାଥିଲା ଧୀରେଧୀରେ କିଛି ଲୋକ ଏହି ଜମିକୁ ଅବରୋଧ କରି ପକାଇଲେଣି । ଫଳରେ ଏବେ ଏହି ହାଟରେ ନିଜର ପନିପରିବା ରଖି ବିକ୍ରିକରିବା ବ୍ୟବସାୟିଙ୍କ ପାଇଁ ରହିନଥିବା ଅସୁବିଧା ସୃଷ୍ଟି ହେଉଛି। ପ୍ରଥମେ ଏହି ହାଟରୁ ମାହାସୁଲ ଆଦାୟ କରିବାକୁ କିଛି ସ୍ଥାନୀୟ ଲୋକେ ଦାୟିତ୍ୱ ନେଇଥିଲେ ଏବଂ ଯାହା ମାହାସୁଲ ଆଦାୟ କରନ୍ତି ସେଥିରେ ହାଟର ଉନ୍ନତି ପାଇଁ ଅର୍ଥ ବିନିଯୋଗ ହୋଇଥାଏ । କିନ୍ତୁ ଏବେ ଏହାକୁ ଯାଜପୁର ଆରଏମସି ହାତକୁ ନେଇଛି । ପ୍ରତି ହାଟ ପାଳିରେ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ଆସି ବ୍ୟବସାୟିଙ୍କ ଠାରୁ ମାହାସୁଲ ଆଦାୟ କରିଥାନ୍ତି । ଏହିପରି ପ୍ରତି ହାଟ ପାଳିରେ ମାହାସୁଲ ଆଦାୟ କରାଯାଇ ଆରଏମସି ପକ୍ଷରୁ ବ୍ୟାଙ୍କରେ ଜମାକରାଯାଏ । ତେବେ ଏହି ମାହାସୁଲରେ ଚମ୍ପାପୁର ହାଟର ରକ୍ଷଣବେକ୍ଷଣ ହେବା କଥା କିନ୍ତୁ ଏଠାରେ ସେପରି କିଛି ହେଉନଥିବାରୁ ବେପାରୀମାନେ ରାସ୍ତା ଉପରେ ବସି ବେପାର କରିବାକୁ ବାଧ୍ୟ ହେଉଛନ୍ତି । ଯାହାଫଳରେ ଏହି ରାସ୍ତାରେ ଯାତାୟତ କରୁଥିବା ଗାଡିଗୁଡିକ ଗମନାଗମନରେ ନାହିଁନଥିବା ଅସୁବିଧା ସୃଷ୍ଟି ହେଉଛି । ମାସକୁ ଏହି ହାଟରୁ ଲକ୍ଷ ଲକ୍ଷ ଟଙ୍କା ମାହାସୁଲ ଆରଏମସି ପକ୍ଷରୁ ଆଦାୟ କରାଯାଉଥିବା ବେଳେ ବିଭାଗ ପକ୍ଷରୁ ସେପରି କିଛି କାମ କରାଯାଉନଥିବା ଦେଖିବାକୁ ମିଳିଛି। ଯଦି ବେପାରି ମାନେ ମାହାସୁଆ ବାବଦକୁ ଲକ୍ଷଲକ୍ଷ ଟଙ୍କା ଦେଉଛନ୍ତି ତେବେ ସେମାନଙ୍କ ସୁବିଧା ପାଇଁ ଆରଏମସି ହାଟର ଉନ୍ନତି କରିବା ନିହାତି ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ହାଟ ଜମି ଅବରୋଧ କରିଥିବା ଲୋକଙ୍କ ଠାରୁ ତୁରନ୍ତ ଉଚ୍ଛେଦ କରାଗଲେ ହାଟ ଜମି ବାହାରିବା ସହିତ ଅଧିକ ବ୍ୟବସାୟୀ ଏଠାରେ ବସି ବ୍ୟବସାୟ କରିପାରନ୍ତେ।

'ଆମେ ପଢ଼ିବା, ଆମ ଭାଷାରେ'କର୍ମଶାଳା

କେନ୍ଦୁଝର (ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷାରେ ଆଜି କେନ୍ଦୁଝର ସଦର ବ୍ଲକ ଗରାମୁହଣଠାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଅଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା। ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ଶୈକ୍ଷିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ସିଡିପିଓମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ। ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟି। ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମିଲ କରିବା। ସହଯୋଗୀ ସଂସ୍ଥା ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରେ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି। ଏହି କର୍ମଶାଳାରେ ଶିଶୁମାନଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ 'ଆମେ ପଢ଼ିବା ଆମ ଭାଷାରେ' ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅଭିଭାବକଙ୍କ ମଧ୍ୟରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତି, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆର.ସି.ଡି.ଏସ୍. ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତି, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ସମନ୍ୱୟକାରୀ ପୋଷଣ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନାରେ ସହଯୋଗ କରିଥିଲେ।

ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେରାବିଶ (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସଦରଥାନା ତଥା ତାନ୍ଦୋଳ ଫାଣ୍ଡି ଅଧୀନ ନରସିଂହପୁର ଗ୍ରାମର ଜୟନ୍ତ ପଣ୍ଡାଙ୍କ ପୁଅ ପ୍ରଭୁଦତ୍ତ (୨୨)ଙ୍କ ଗତକାଲି ପାଣିରେ ବୁଡ଼ି ମୃତ୍ୟୁ ହୋଇଯାଇଛି। ସୂଚନାରୁ ପ୍ରକାଶ ପ୍ରଭୁଦତ୍ତ ଗତକାଲି ଗାଡିରେ ଗ୍ରାମ ଘୋଷରୀକୁ ଖେଳିବା ପାଇଁ ଯାଇଥିଲେ । ହେଲେ ସେ ବାର୍ଣ୍ଣ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପ୍ରଭୁଦତ୍ତଙ୍କ କୌଣସି ଖୋଜ ଖବର ପାଇନଥିଲେ। ପରେ ଆଜି ସକାଳେ ପ୍ରଭୁଦତ୍ତଙ୍କ ଚପଲ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସନ୍ଦେହରେ ପୋଖରୀରେ ଖୋଜିବାରୁ ପୋଖରୀର ଗଭୀର ପାଣି ମଧ୍ୟରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରା ଯାଇଥିଲା। ତେବେ ପ୍ରଭୁଦତ୍ତ ଶୌଚ ହେବା ସମୟରେ ଗଭୀର ଜଳକୁ ଖସିଯାଇ ପାଣିରେ ବୁଡ଼ିଯାଇଥିବା ଜଣାଯାଇଛି। ଆଜି ତାନ୍ଦୋଳ ଫାଣ୍ଡି ପୋଲିସ୍ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ବିଲୁଦତ୍ତ ତାଙ୍କ ବାପମାଙ୍କର ଏକମାତ୍ର ପୁଅ ହୋଇଥିବାରୁ ପରିବାରରେ ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ଶ୍ରୀଅନ୍ନ ଅଭିଯାନ ରଥ ପରିକ୍ରମା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଚବିଶ ମୌଜା ପଞ୍ଚୁଦକ ପଡିଆସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ଠାରୁ ଶ୍ରୀ ଅନ୍ନ ଅଭିଯାନ ରଥ ପରିକ୍ରମା ଆରମ୍ଭ ହୋଇଛି। ମାଲୁଦ ପଂଚାୟତ ସରପଞ୍ଚ ପ୍ରତିନିଧି ସୌମ୍ୟ ରଞ୍ଜନ ଜେନା ଶ୍ରୀ ଅନ୍ନ ଅଭିଯାନ ରଥକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପ୍ରତିନିଧି ଭରତ ପଲେଇ ସମେତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସହଯୋଗୀ ସଂସ୍ଥା ବିକଳ୍ପ ମିଳିତ ଆନୁକୂଲ୍ୟରେ ଶ୍ରୀ ଅନ୍ନ ଅଭିଯାନ ରଥ ତା ୨୪. ୨. ୨୬ତାରିଖ ଠାରୁ ୨୭. ୨. ୨୬ପର୍ଯ୍ୟନ୍ତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ୨୧ଗୋଟି ପଂଚାୟତରେ ଶ୍ରୀ ଅନ୍ନ ଅଭିଯାନ ରଥ ପରିକ୍ରମା କରିବ ବୋଲି (ବିକଳ୍ପ)ର କ୍ଷେତ୍ର ଅଧିକାରୀ ଶ୍ରୀ ଜିତାରି ଚରଣ ଦାସ ଓ ଡାରେଣୀ ଚରଣ ନାୟକ କହିଛନ୍ତି। ଉଦଘାଟନୀ ରଥକୁ ପିଆଇପି ରାଧାରାଣୀ ଶୌଚ୍ ସମେତ ସମସ୍ତ ଉପସ୍ଥିତ ଅତିଥିମାନେ ପରିକ୍ରମା ରଥକୁ ସବୁଜ ପତାକା ଦେଖାଇ ସ୍ୱାଗତ ଜଣାଇଥିଲେ। ଶ୍ରୀ ଅନ୍ନ ପୁଷ୍ଟି ଖାଦ୍ୟ ଫସଲର ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ କୃଷି ପ୍ରଣାଳୀରେ ଡଳି ଶସ୍ୟ ପ୍ରସ୍ତୁତି ଡଳି ରୋପଣ ପାଇଁ ମାର୍ଜର ହାରା ଧାତି ଚିହ୍ନଟ ଓ ଉଚିତ ଦୂରତାରେ ଡଳିରୋପଣ ସରଞ୍ଜାମ ଦ୍ୱାରାର ଦ୍ୱାରା ଘାସ ବଛା, ଛାଡ଼ିଖତ (ଜୈବିକ)ସାର ଔଷଧ ପ୍ରସ୍ତୁତି, ମାଣ୍ଡିଆ ରେ ସଘନ ପଦ୍ଧତିରେ ରୁଆ ମାଣ୍ଡିଆ ଧାତିରୁଆ, ଧାତି ରୁଆ ଅଣ ମାଣ୍ଡିଆ ପୁଷ୍ଟି ଶସ୍ୟ ଜାତିରୁଆ ଶ୍ରୀ ଅନ୍ନ ପୁଷ୍ଟି ଶସ୍ୟ ଗୁଡିକ ପ୍ରୋଟିନ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଅନ୍ୟାନ୍ୟ ପୌଷ୍ଟିକ ଗୁଣରେ ଭରପୂର ଅଟେ। ଏହା ଗ୍ଲୁଟେନମୁକ୍ତ ଉଚ୍ଚ ଶର୍କରା ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରେ। ଏହି ପୁଷ୍ଟିକର ଖାଦ୍ୟରେ ଖାଦ୍ୟ ଶିଶୁର ଖାଦ୍ୟାଭିଳାଷ ମାନସିକ ବିକାଶ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ମାଣ୍ଡିଆ ଗୁଡ଼ାଁ ଜହ୍ନା ତିଳ କୋଦ ବାଜରା ଝରା ଝାରି ଓ କାଙ୍କୁ ଆଦି ସଘନ ପ୍ରଣାଳୀରେ ଚାଷ କରିବାସହ ସରକାର ଙ୍କ ପ୍ରୋତ୍ସାହନ ରାଶି ପାଇପାରିବେ ଏବଂ ଚାଷୀ ସମୃଦ୍ଧ ହୋଇପାରିବା ଉଦ୍ଦେଶ୍ୟରେ ଶ୍ରୀଅନ୍ନ ରଥ ପରିକ୍ରମା କରାଯାଇଛି।

ସୋମବାରିଆ ହାଟରେ ଶ୍ରମିକ ମରୁଡ଼ି

କେନ୍ଦୁଝର (ଭାସ୍କର ନ୍ୟୁଜ):କେନ୍ଦୁଝର ସହରର ରାଧାସ ପୂଜା ମାର୍କେଟ ସମ୍ମୁଖ ରାସ୍ତା କଡରେ ପ୍ରତ୍ୟେକ ସୋମବାର ଶ୍ରମିକ ହାଟରେ ଶ୍ରମିକଙ୍କ ମରୁଡ଼ି ଦେଖାଦେଇଛି। ପୂର୍ବରୁ ସହର ପାଖପାଖି ଅଞ୍ଚଳରୁ ବହୁ ପୁରୁଷ ଓ ମହିଳା କାମ ଉଦ୍ଦେଶ୍ୟରେ ଏହି ହାଟକୁ ଆସିଥାନ୍ତି । ଏହି ଦିଆରା ହାଟରେ ବିଭିନ୍ନ ପ୍ରକାର କାମ ଲାଗି ଶ୍ରମିକ ମିଳିଥାନ୍ତି । ଯେଉଁଠାରେ ପ୍ରତ୍ୟେକ ସୋମବାର ଶ୍ରମିକମାନଙ୍କୁ ଏକ ସପ୍ତାହ ପାଇଁ ଶ୍ରମଭିତ୍ତିକ ଚୁକ୍ତି କରାଯାଇଥାଏ। ଏହି ହାଟକୁ ପ୍ରତ୍ୟେକ ସୋମବାର ଶତାଧିକ ବୁଲତା ଓ ଅଣବୁଲତା ଶ୍ରମିକ ସକାଳୁ ଆସିଥାନ୍ତି, ମାତ୍ର ଏବେ ଶ୍ରମିକ ହାଟରେ ଲୋକଙ୍କ ବିଶେଷ କରି ଶ୍ରମିକଙ୍କ ଦେଖାନାହିଁ । ସହର ମଧ୍ୟରେ ଅଧିକାଂଶ ଘର ନିର୍ମାଣ କାମ ମୁର୍ଶିଦାବାଦ ମିସ୍ତ୍ରୀ କରୁଥିବାବେଳେ ଖେତା କାମ ମଧ୍ୟ ପଶ୍ଚିମବଙ୍ଗ ଲୋକ ଆସି କରୁଛନ୍ତି । କାମ ପାଇଁ ଶ୍ରମିକ, ରାଜମିସ୍ତ୍ରୀ, ରଡ କାଲିଙ୍ଗ ମିସ୍ତ୍ରୀ ସମେତ ଅନ୍ୟାନ୍ୟ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଏବେ ପଶ୍ଚିମବଙ୍ଗରୁ ଆସୁଛନ୍ତି । ଆବଶ୍ୟକ ହେଉଥିବା ଶ୍ରମିକମାନଙ୍କୁ କାମ କରାଇବ ବୋଲି ଆଶା ରଖିଥିବା ଲୋକମାନେ ଏହି ହାଟରେ ନ ପାଇ ବିଭିନ୍ନ ଗାଁକୁ ଯାଇ ସେମାନଙ୍କୁ ଅଗେ ଦାଦନ୍ ଦେଇ ସହରକୁ ଆଣି କାମରେ ଲଗାଉଛନ୍ତି । ଛାଦ ପକାଇବା ପାଇଁ ସ୍ୱତନ୍ତ୍ର ଭାବେ ସିଲିଗୁଡ଼ି, ରାଜବନ୍ଧ ନିକଟରୁ ରାତିରେ ଶ୍ରମିକ ଶ୍ରେଣୀର ପୁରୁଷ ଓ ମହିଳାମାନେ ଆସି କାମ କରି ଚାଲି ଯାଉଛନ୍ତି । ଏହି ହାଟରୁ ଦିନେ ଦୁଇଦିନ ଲାଗି ମଧ୍ୟ ଶ୍ରମିକ ମିଳୁନାହିଁ। ମୁର୍ଶିଦାବାଦରୁ ଆସୁଥିବା ଶ୍ରମିକ ଠିକାଦାରମାନେ ଘରର ନିର୍ମାଣ ପାଇଁ କେବଳ ଶ୍ରମିକ ଯୋଗାଇ ଦେବା ବାବଦରେ ବର୍ଗଫୁଟ ପିଛା ୨୦୦ ରୁ ୨୫୦ ଟଙ୍କା ଦାବି କରୁଥିବାବେଳେ ଡାଳା, ସିଡି, ସିଡିଘର, ବିଟ, ଡିଜାଇନ କରିବା ପାଇଁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି । ଅନେକ କ୍ଷେତ୍ରରେ ଏହି ମୁର୍ଶିଦାବାଦର ଶ୍ରମିକ ଠିକାଦାରମାନେ ସ୍ଥାନୀୟ ଶ୍ରମିକମାନଙ୍କୁ ଠିକଣା ପାରଣା ଦେଉନଥିବା କଥା ଅଭିଯୋଗ ହେଉଛି । ପୂର୍ବରୁ ସିଧାସଳଖ କାମ କରିବା ଲାଗି ଲୋକମାନେ ଏହି ହାଟରୁ ନିଆଯାଇଥିବା ରାଜମିସ୍ତ୍ରୀ ମାନେ ୫ଶହ ଟଙ୍କାରୁ ଆରମ୍ଭ କରି ୬୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀରେ କାମ କରୁଥିଲେ । ମାତ୍ର ଏବେ ତାହା ଆଉ ସମ୍ଭବପର ହେଉନାହିଁ । ପୂର୍ବରୁ ସହରର ରାସ୍ତାକଡରେ କେନ୍ଦୁଝର ଲଜ୍ ଠାରୁ ଅଦ୍ୟକମେରିନ ଷ୍ଟୁଡିଓ ପର୍ଯ୍ୟନ୍ତ ଶ୍ରମିକ ହାଟରେ ଶ୍ରମିକମାନେ ନିଜ ନିଜର ଆବଶ୍ୟକ ସରଞ୍ଜାମ ଧରି କାମ ପାଇବା ଆଶାରେ ଗହଳି କରିବା ଏବେ ଅନେକ ପରିମାଣରେ କମିଯାଇଛି।

ରଜାଙ୍ଗରେ ସାଇ ଆରୋଗ୍ୟ ମଲ୍ଟିସ୍ପେଶାଲିଷ୍ଟ ହସ୍ପିଟାଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ରଜାଙ୍ଗ ସ୍ଥାନରେ ୫୦ ଶଯ୍ୟା ବିଶିଷ୍ଟ ସାଇ ଆରୋଗ୍ୟ ମଲ୍ଟି ସ୍ପେଶାଲିଷ୍ଟ ହସପିଟାଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଂଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଶ୍ରୀ ମଧୁସୂଦନ ସାଇ ଯୋଗଦେଇ ପୂର୍ବାହ୍ଣିକ ପୂର୍ବକ ହସପିଟାଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରି ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ପ୍ରଥମଥରି ଏହି ଦାତବ୍ୟ ଚିକିତ୍ସାଳୟରେ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଡାକ୍ତରଙ୍କ ପରାମର୍